# ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପତ୍ର ସଂଖ୍ୟା : ୩୪୪୨

ତାରିଖ : ୨୬.୧୨.୨୦୨୨

## ଶୁଦ୍ଧିପତ୍ର

ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ବିଜ୍ଞାପନ ପତ୍ର ସଂଖ୍ୟା – ୩୩୪୧ ତା. ୧୫.୧୨.୨୦୨୨ ରେ ପୋଖରୀଗୁଡ଼ିକର ନିଲାମ ପାଇଁ ହୋଇଥିବା ବିଜ୍ଞାପନର କାର୍ଯ୍ୟକାଳର ଅବଧି ଏବଂ ନିଲାମ ମୂଲ୍ୟ ନିମ୍ନ ଅନୁସାରେ ପରିବର୍ତ୍ତନ କରାଯାଇଅଛି ଏବଂ ଅନ୍ୟ ସମସ୍ତ ନିୟମାବଳୀ /ସର୍ତ୍ତାବଳୀଗୁଡ଼ିକ ଅପରିବର୍ତ୍ତିତ ରହିଛି । ଏଣୁ ନିମ୍ନ ଅନୁସାରେ ପୁନଃ ପୋଖରୀର ନିଲାମ ଆହ୍ୱାନ କରାଯାଇଅଛି । ଏହାର ବିଷଦ ବିବରଣୀ ପ୍ରାପ୍ତ କରିବା ପାଇଁ କାର୍ଯ୍ୟାଳୟରର କାର୍ଯ୍ୟ ଦିବସମାନଙ୍କରେ ସମ୍ପୃକ୍ତ ଅଧିକାରୀଙ୍କୁ ଭେଟି ବୁଝିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ାଙ୍କ ୱେବସାଇଟ www.nuapada.nic.in ରୁ ଦେଖି ପାରିବେ ।

ପରିଷଦ ଅଧିନସ୍ଥ ନିମ୍ନ ପୋଖରୀର ନିଲାମି ପର୍ଯ୍ୟନ୍ତ ଜଉମୁଦ ଲଫାପାରେ ନିଲାମ କରାଯିବ । ନିଲାମ ସମ୍ବନ୍ଧୀୟ ବିବରଣୀ ତଳଲିଖିତ ସାରଣୀରେ ଦିଆଗଲା । ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ପରିଷଦ କାର୍ଯ୍ୟାଳୟର କାର୍ଯ୍ୟ ଦିବସ ମାନଙ୍କରେ ପହଞ୍ଚି ଅନ୍ୟାନ୍ୟ ସମସ୍ତ ସର୍ତ୍ତ ଓ ନିୟମ ବାବଦକୁ ସମ୍ପୃକ୍ତ ଅଧିକାରୀଙ୍କୁ ଭେଟି ଅଥବା କାର୍ଯ୍ୟାଳୟର ନୋଟିସ ବୋର୍ଡ଼ରେ ଝୁଲାଇ ଦିଆଯାଇଥିବା ନିଲାମ ଇସ୍ତାହାରକୁ ପଢ଼ି ବୁଝିପାରିବେ ।

| କ୍ର ନଂ | ପୋଖରୀର ନାମ ଓ ଉପସ୍ଥିତି | ସର୍ବନିମ୍ନ ନିର୍ଦ୍ଧାରିତ ଦର | ଦରଖାସ୍ତ ଫର୍ମର ମୂଲ୍ୟ (ଅଣଫେରସ୍ତ) | ନିଲାମ ଦିଆଯିବା ପାଇଁ ପୋଖରୀର ଅବଧି | ଟେଣ୍ଡର ଫର୍ମ କ୍ରୟ ତାରିଖ ଓ ସମୟ | ଟେଣ୍ଡର ଗ୍ରହଣର ଶେଷ ତାରିଖ | ଟେଣ୍ଡର ଖୋଲିବା ତାରିଖ ଓ ସମୟ |
|---|---|---|---|---|---|---|---|
| ୧ | ଡୁମେରଡିହି ତଳ ପୋଖରୀ, ୱାର୍ଡ ନଂ. ୧୬ | ୧,୮୦,୦୦୦/- | ୧,୦୦୦/- | ତା.୦୧.୦୨.୨୦୨୩ ଠାରୁ ୩୧.୦୧.୨୦୨୬ | ତା. ୨୧.୧୨.୨୦୨୨ ଠାରୁ ତା. ୦୬.୦୧.୨୦୨୩ ସକାଳ ଘ. ୧୦.୦୦ ରୁ ଅପରାହ୍ନ ଘ. ୫.୦୦ ଟିକା ପର୍ଯ୍ୟନ୍ତ (କାର୍ଯ୍ୟ ଦିବସ ମଧ୍ୟରେ) | ତା.୧୦.୧.୨୦୨୩ ଅପରାହ୍ନ ଘ. ୫.୦୦ ଟିକା ପର୍ଯ୍ୟନ୍ତ | ତା.୧୨.୧.୨୦୨୩ ଅପରାହ୍ନ ଘ. ୪.୦୦ ଟିକା |
| ୨ | ଏଲ.ଡି. ପଡ଼ା ତଳ ପୋଖରୀ, ୱାର୍ଡ ନଂ. ୦୬ | ୧,୪୩,୧୦୦/- | ୧,୦୦୦/- | ତା.୦୧.୦୨.୨୦୨୩ ଠାରୁ ୩୧.୦୧.୨୦୨୬ | | | |
| ୩ | ମୁଣ୍ଡାଗାଁ ବେଲତରାଇ ପୋଖରୀ, ୱାର୍ଡ ନଂ. ୨ | ୬୭୭୦୦/- | ୫,୦୦/- | ତା.୦୧.୦୨.୨୦୨୩ ଠାରୁ ୩୧.୦୧.୨୦୨୬ | | | |
| ୪ | ମୁଣ୍ଡାଗାଁ ସରାର ପୋଖରୀ, ୱାର୍ଡ ନଂ. ୨ | ୨୭୦୦୦/- | ୫,୦୦/- | ତା.୦୧.୦୨.୨୦୨୩ ଠାରୁ ୩୧.୦୧.୨୦୨୬ | | | |
| ୫ | ମୁଣ୍ଡାଗାଁ ଆରକଟା ପୋଖରୀ, ୱାର୍ଡ ନଂ. ୨ | ୫୯,୪୦୦/- | ୫,୦୦/- | ତା.୦୧.୦୨.୨୦୨୩ ଠାରୁ ୩୧.୦୧.୨୦୨୪ | | | |
| ୬ | କୁରୁମୁଣ୍ଡା ପୋଖରୀ, ୱାର୍ଡ ନଂ. ୦୭ | ୯୦,୦୦୦/- | ୫,୦୦/- | ତା.୦୧.୦୨.୨୦୨୩ ଠାରୁ ୩୧.୦୧.୨୦୨୬ | | | |
| ୭ | କୁରୁମୁଣ୍ଡା ସରାର, ୱାର୍ଡ ନଂ. ୦୭ (ନୂଆ) | ୩୦,୦୦୦/- | ୫,୦୦/- | ତା.୦୧.୦୨.୨୦୨୩ ଠାରୁ ୩୧.୦୧.୨୦୨୬ | | | |

## ସର୍ତ୍ତାବଳୀ

୧) ନିର୍ଦ୍ଧାରିତ ଦର ଠାରୁ ଅଧିକା ଦରରେ ନିଲାମି ନେବାକୁ ଇଚ୍ଛୁକ ଆବେଦନ କର୍ତ୍ତା ଦେଇଥିବା ଟେଣ୍ଡର ଦର ଅନୁସାରେ ସଂପୂର୍ଣ୍ଣ ରାଶିର ୫୦ ପ୍ରତିଶତ ବ୍ୟାଙ୍କ ଡ୍ରାଫ୍ଟ ଅଥବା ବ୍ୟାଙ୍କର୍ସ ଚେକ ଟେଣ୍ଡର ସହ ଯୋଗ କରିବେ ଏବଂ Executive Officer, NAC Khariar Road ଙ୍କ ନାମରେ ପ୍ରେରଣ କରିବେ ।

୨) ନିଲାମି ଫର୍ମ ତା. ୨୧.୧୨.୨୦୨୨ ଠାରୁ ତା. ୦୬.୦୧.୨୦୨୩ ଅପରାହ୍ନ ଘ. ୫.୦୦ ପର୍ଯ୍ୟନ୍ତ କାର୍ଯ୍ୟାଳୟର କାର୍ଯ୍ୟ ଦିବସ ମାନଙ୍କରେ କ୍ରୟ କରାଯାଇ ପାରିବ ।

୩) ନିଲାମି ଫର୍ମ ଦର୍ଶାଯାଇଥିବା ମୂଲ୍ୟ ଅନୁଯାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ, ଖରିଆର ରୋଡ଼ ଙ୍କ ନାମରେ କେବଳ ଡି.ଡି. ବା ବ୍ୟାଙ୍କର୍ସ ଚେକ ଆକାରରେ ଜମାକରି ପ୍ରାପ୍ତ କରିପାରିବେ ।

୪) ନିଲାମି ଫର୍ମ ପୂରଣ କରି ସାରଣୀରେ ଦର୍ଶାଯାଇଥିବା ସର୍ବାଧିକ ମୂଲ୍ୟର (ଯାହାକି ସର୍ବନିମ୍ନ ଦର ଠାରୁ ଅଧିକ ହେବ) ୫୦% ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ କାର୍ଯ୍ୟନିର୍ବାହୀ ଅଧିକାରୀ, ଖରିଆର ରୋଡ଼ ଙ୍କ ନାମରେ କରାଇ ଜଉମୁଦ ଲଫାପାରେ ଅନ୍ୟାନ୍ୟ କାଗଜ ପତ୍ର ସହିତ ସର୍ତ୍ତାବଳୀରେ ଦର୍ଶାଯାଇଥିବା ଅନୁଯାୟୀ ପୂରଣ କରି କାର୍ଯ୍ୟନିର୍ବାହୀ ଅଧିକାରୀ, ଖରିଆର ରୋଡ଼ ଙ୍କ ଠିକଣାରେ ପଠାଇବେ । ଅନ୍ୟଥା ନିଲାମି ଫର୍ମକୁ ନାକଚ ଫର୍ମକୁ ନାକଚ କରାଯିବ ।

୫) ନିଲାମିରେ ଭାଗ ନେବା ବ୍ୟକ୍ତି ଖରିଆର ରୋଡ଼ ଅଧିବାସୀ ହୋଇଥିବ ଏବଂ ତାଙ୍କ ନାମରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ର କୌଣସି ବକେୟା ନଥିବାର ପ୍ରମାଣ ପତ୍ର ଆବଦେନ ପତ୍ର ସଙ୍ଗେ ସଂଲଗ୍ନ କରିବେ ।

୬) ନିଲାମ ଯାହାଙ୍କ ନାମରେ ସିଦ୍ଧ ହେବ ୭ ଦିନ ମଧ୍ୟରେ ଉକ୍ତ ବ୍ୟକ୍ତି ବଳକା ନିଲାମି ଟଙ୍କା ପଇଠ ନକଲେ ତାଙ୍କର ଜମା ରାଶି ବାଜ୍ୟାପ୍ତି କରାଯିବ ।

EXECUTIVE OFFICER,
NAC, KHARIAR ROAD

Scanned by CamScanner

୭) ଇଚ୍ଛୁକ ନିଲାମଧାରୀ ନିଲାମି ଫର୍ମ ସହିତ ତାଙ୍କର (ନିଲାମିରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି) ଏକ ଗୋଟି ରଙ୍ଗୀନ ଫଟୋ ଓ ଖରିଆର ରୋଡ଼ର ଅଧିବାସୀ ହୋଇଥିବାର ପ୍ରମାଣ ପତ୍ର ଯଥା- ଭୋଟର କାର୍ଡ଼ / ରାସନ କାର୍ଡ଼ / ଆଧାର କାର୍ଡ଼ / ଇଲେକ୍ଟ୍ରିକ୍ ବିଲ ଅଥବା ଟେଲିଫୋନ ବିଲରୁ ଯେ କୌଣସି ଏକ ଫଟୋ କପି ସଂଲଗ୍ନ କରିବେ ।

୮) ଦରଖାସ୍ତକାରୀଙ୍କ ଦ୍ୱାରା ପଠାଯାଉଥିବା ଜଉମୁଦ ଲଫାପା ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ସ୍ପିଡ଼ ପୋଷ୍ଟ / ରେଜିଷ୍ଟ୍ରି ପୋଷ୍ଟ ଦ୍ୱାରା କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଲଫାପା ଉପରେ କେଉଁ ପୋଖରୀ ନିମନ୍ତେ ଟେଣ୍ଡର ପକାଇବାକୁ ଚାହୁଁଛନ୍ତି ତାହା ଉଲ୍ଲେଖ କରିବେ ।

୯) ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

୧୦) ନିଲାମିର ଅନ୍ୟାନ୍ୟ ସର୍ତ୍ତାବଳୀ କାର୍ଯ୍ୟଳୟରର କାର୍ଯ୍ୟ ଦିବସମାନଙ୍କରେ ସମ୍ପୃକ୍ତ ଅଧିକାରୀଙ୍କୁ ଭେଟି ବୁଝିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ାଙ୍କ ୱେବସାଇଟ www.nuapada.nic.in ରୁ ଦେଖି ପାରିବେ ।

୧୧) ଯଦି ଭବିଷ୍ୟତରେ ଦରଖାସ୍ତକାରୀଙ୍କ ସମ୍ବନ୍ଧରେ କୌଣସି ଭୁଲ ତଥ୍ୟ ପ୍ରମାଣିତ ହୁଏ ତେବେ ତାଙ୍କ ନାମରେ ସିଦ୍ଧ ହୋଇଥିବା ନିଲାମକୁ ରଦ୍ଦ କରାଯିବ ।

୧୨) ଅସଫଳ ଡ଼ାକ ମୂଲ୍ୟ ଆବେଦନକାରୀଙ୍କ ଆବେଦନ ରାଶିକୁ ଆବଣ୍ଟନ ପ୍ରକ୍ରିୟା ଚୁଡ଼ାନ୍ତ ପରେ ଫେରସ୍ତ କରାଯିବ ।

୧୩) କୌଣସି ଅନିବାର୍ଯ୍ୟ କାରଣବଶତଃ କାରଣ ନ ଦର୍ଶାଇ ନିଲାମ ସ୍ଥଗିତ କିମ୍ବା ରଦ୍ଦ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ସଂରକ୍ଷିତ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୩୪୫୩ / ତାରିଖ : ୨୬.୧୨.୨୦୨୨/

ଏହାର ଏକକିତା ନକଲ ଜିଲ୍ଲାପାଳ, ନୂଆପଡ଼ା / ଉପ-ଜିଲ୍ଲାପାଳ, ନୂଆପଡ଼ା / ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର.ଡି.ଏ. ନୂଆପଡ଼ା / ତହସିଲଦାର, ନୂଆପଡ଼ା / ଜିଲ୍ଲା ଶିକ୍ଷା ଅଧିକାରୀ, ଖରିଆର ରୋଡ଼ / ସହକାରୀ ଯନ୍ତ୍ରୀ, ଜନ ସ୍ୱାସ୍ଥ୍ୟ ବିଭାଗ, ଖରିଆର ରୋଡ଼ / ଏସ୍.ଡି.ଓ., WESCO, ଖରିଆର ରୋଡ଼ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ବିଜ୍ଞାପନ ଫଳକରେ ଝୁଲାଇବା ପାଇଁ ଅନୁରୋଧ କରାଗଲା ତଥା ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ କାର୍ଯ୍ୟାଳୟର ନୋଟିସ ବୋର୍ଡ ତଥା ସମସ୍ତ ୱାର୍ଡ ଅଫିସରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଝୁଲାଇ ଦିଆଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୩୪୫୪ / ତାରିଖ : ୨୬.୧୨.୨୦୨୨/

ଏହାର ଏକକିତା ନକଲ ଟେଣ୍ଡର କମିଟି, ଖରିଆର ରୋଡ଼ ଙ୍କ ଅବଗତି ଓ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୩୪୫୫ / ତାରିଖ : ୨୬.୧୨.୨୦୨୨/

ଏହାର ଏକକିତା ନକଲ Commissioner-cum-Secretary to Govt., I&PR Deptt. Bhubaneswar ଙ୍କ ନିକଟକୁ ପ୍ରେରଣ କରାଗଲା । ଏକ ଦିନ ନିମନ୍ତେ (୧୨ ସେ.ମି. X ୧୨ ସେ.ମି.) ସ୍ଥାନ ବ୍ୟବହାର କରି [Rule 9 (C) Appendix – IX OPWD Code Volume – II] ଦୈନିକ ଖବର କାଗଜ ପତ୍ରିକାରେ ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୩୪୫୬ / ତାରିଖ : ୨୬.୧୨.୨୦୨୨/

ଏହାର ଏକକିତା ନକଲ ଜିଲ୍ଲା ଇନଫରମେଟିକ୍ସ ଅଫିସର, ନୂଆପଡ଼ା ଙ୍କ ନିକଟକୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଏହାକୁ ଜିଲ୍ଲା ପୋର୍ଟାଲ (www.nuapada.nic.in) ରେ ଦର୍ଶାଇବେ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

Scanned by CamScanner